ଧରିତ୍ରୀ
DHARITRI

October 4-10, 2020 ₹2/-

# ଛୁଟିଦିନ



## ଉଦ୍ଭାବନର ଦେଶ ଭାରତ

୩
ପ୍ରଚ୍ଛଦ ପ୍ରସଙ୍ଗ

ଶୂନରୁ ମହାଶୂନ୍ୟ,
ଯୋଗରୁ ଯନ୍ତ୍ର,
ବେଦରୁ ବିଜ୍ଞାନ ପର୍ଯ୍ୟନ୍ତ
ସବୁକିଛିରେ ରହିଛି ଭାରତର
ବିଶ୍ୱକୁ ଅବଦାନ। ଅନେକ
ଉଦ୍ଭାବନ ଓ ଆବିଷ୍କାରର ଦେଶ
ହେଉଛି ଭାରତ...

ସିନେମା
୫



# ଘରେ କେଉଁଠି ରଖିବେ ହାତୀ ମୂର୍ତ୍ତି



**ବା**ସ୍ତୁ ହେଉ ଅବା ଜ୍ୟୋତିଷ ଶାସ୍ତ୍ର ସବୁଥିରେ ହାତୀକୁ ବହୁତ ଶୁଭ ବୋଲି ଧରାଯାଏ। ଶାସ୍ତ୍ରରେ ଏହାର ସମ୍ବନ୍ଧ ବିଘ୍ନହର୍ତ୍ତା ପ୍ରଭୁ ଶ୍ରୀ ଗଣେଶ ଓ ଧନରଦେବୀ ମା’ ଲକ୍ଷ୍ମୀଙ୍କ ସହ ରହିଛି। ତେଣୁ ହାତୀର ପ୍ରତିମା ଘରେ ରଖିବା ଶୁଭ ବୋଲି ବିଶ୍ୱାସ କରାଯାଏ। ଶୋଇବା ଘରେ ପିତଳର ହାତୀ ଅବା ହାତୀର ବଡ଼ ଫଟୋ ରଖିଲେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତଭେଦ ଦୂର ହୋଇଥାଏ। ପିତ୍ତଳ ହାତୀ ଡ୍ରଇଂରୁମ୍‌ରେ ରଖିଲେ ତାହା ଶାନ୍ତି ଓ ସମୃଦ୍ଧି ଆଣିଥାଏ। ଆଉ ଜୀବନର ପ୍ରତ୍ୟେକକ୍ଷେତ୍ରରେ ସଫଳତା ମିଳେ। ରୁପାରେ ତିଆରି ହାତୀ ଘରେ କିମ୍ବା ପକେଟରେ ରଖିପାରିବେ। ଏହାଦ୍ୱାରା ସନ୍ତାନ ଉପରକୁ କୌଣସି କଷ୍ଟ ଆସି ନ ଥାଏ। ବାଣିଜ୍ୟରେ ଲାଭ ହୁଏ। ରୁପାର ହାତୀକୁ ଉତ୍ତର ଦିଗରେ ବି ରଖିପାରିବେ। ବାସ୍ତୁଶାସ୍ତ୍ର ଅନୁସାରେ ଏହା ଐଶ୍ୱର୍ଯ୍ୟର ପ୍ରତୀକ ଅଟେ। ମୂର୍ତ୍ତି ଓ ଫଟୋରେ ହାତୀର ଶୁଣ୍ଢ ତଳକୁ ହୋଇଥିଲେ, ତାକୁ ଲିଭିଂ ଏରିଆରେ ରଖିବା ଭଲ। ଏହାଦ୍ୱାରା ଘରେ ସୁଖଶାନ୍ତି ଆସେ। ଶୁଣ୍ଢ ଉପରକୁ ଉଠିଥିବା ମୂର୍ତ୍ତି ରଖିଲେ ଧନ, ସମ୍ପତ୍ତି ବଢିଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୪-୧୦

**ମେଷ**
ସାମାଜିକ ପ୍ରତିଷ୍ଠା, ଅର୍ଥଗତ ବୈଷମ୍ୟ, ବୁଦ୍ଧିଜୀବୀଙ୍କ ସାନ୍ନିଧ, ବୈପ୍ଳବିକ ଚିନ୍ତାଧାରା, ସାଂଗଠନିକ ସଫଳତା, ପ୍ରଶାସନିକ ସ୍ଥିରତା, ପରୋକ୍ଷ ଶତ୍ରୁତା, ଜମିଜମା କଳହ, କାରବାରରେ ଦ୍ୱନ୍ଦ୍ୱ, ମନୋରଞ୍ଜନରେ ରୁଚି ॥

**ବୃଷ**
ପାରିବାରିକ ସୁଖସ୍ୱାଛନ୍ଦ୍ୟ, ନିମ୍ନାଭିମୁଖୀ ସ୍ୱାସ୍ଥ୍ୟ ସମସ୍ୟା, ନିର୍ମାଣରେ ପ୍ରତିବନ୍ଧକ, ମିଥ୍ୟାଭିଯୋଗ, ଶରୀର ଚର୍ଚ୍ଚା, ମହାଜନୀ ଚାପ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବିଫଳ ଆଲୋଚନା, କର୍ମପରିସର ବୃଦ୍ଧି ॥

**ମିଥୁନ**
ମାନସିକ ସ୍ଥିରତା, ଦ୍ୱନ୍ଦର ଅବସାନ, ସ୍ୱାସ୍ଥ୍ୟଗତ ବୈଷମ୍ୟ, ସମସ୍ୟା ଅପସରିଯିବ। ଋଣ ପରିଶୋଧ, ବସ୍ତ୍ରଭୂଷଣାଦି ଖରିଦ। ସାହିତ୍ୟକୃତିରୁ ପ୍ରଶଂସା, ରାଜନୈତିକ ବିବାଦ, ପ୍ରିୟଜନଙ୍କ ସହଯୋଗ ॥

**କର୍କଟ**
କାର୍ଯ୍ୟରେ ବିଳମ୍ବ, ବିରକ୍ତି ବୋଧ, ବାକ୍ ଅସଯଂମତାରୁ କଳହ, ସୁସମ୍ପର୍କ ବ୍ୟାହତ, ବ୍ୟବସାୟରେ ସ୍ଥାନାନ୍ତର, ନୂତନ ଗୃହାରମ୍ଭ, ଆତ୍ମୀୟଙ୍କ ପରଶ୍ରୀକାତରତା, ଚାକିରି ଅଫର୍, ନିଷ୍ପତ୍ତିରେ ଦ୍ୱନ୍ଦ୍ୱ, ବ୍ୟୟବହୁଳ ଯାତ୍ରା ॥

**ସିଂହ**
ଅନ୍ତର୍ଦ୍ୱନ୍ଦ୍ୱ ବଢିବ, ଅଭାବ ଅସୁବିଧା, ପ୍ରଶାସନିକ ତାଗିଦ, ଶେୟାର ବଜାରରେ କ୍ଷତି, ପ୍ରତିରୋଧର ସାମନା, ସହକର୍ମୀଙ୍କ ଦୌରାତ୍ମ୍ୟ, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଭ୍ରାତୃପ୍ରୀତି, ମିତ୍ରଲାଭ ॥

**କନ୍ୟା**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ସାମୟିକ ଆନନ୍ଦ, ସୌଭାଗ୍ୟରେ ପ୍ରତିବନ୍ଧକ। ଏଜେନ୍ସିପର ପ୍ରସାର, ନୂତନ ପ୍ରକଳ୍ପାରମ୍ଭ, ଅର୍ଥନୈତିକ ସଂସ୍କାର, କୂଟନୀତି ଚୁକ୍ତିପତ୍ର, ସଭାସମିତିରେ ପ୍ରଶଂସା, ଶତ୍ରୁକୃତ ସମସ୍ୟା ॥

**ତୁଳା**
କର୍ମ ଜଞ୍ଜାଳ ବୃଦ୍ଧି, ଅଣନିଃଶ୍ୱାସୀ ହେବେ, ସମ୍ପର୍କୀୟଙ୍କ ବିରୋଧ, ସ୍ନାୟବିକ ଦୁର୍ବଳତା। ରଚନାତ୍ମକ କାର୍ଯ୍ୟ, ଶିଳ୍ପବାଣିଜ୍ୟରେ ସମସ୍ୟା, ଜମିଜମା କ୍ରୟବିକ୍ରୟ, ଦୂରଯାତ୍ରା, ନୂତନ ମୈତ୍ରୀ ॥

**ବିଛା**
ମାନସିକ ଅସ୍ଥିରତା, ବନ୍ଧୁଙ୍କ ପ୍ରତାରଣା, ନୈରାଶ୍ୟତା, ସରକାରୀ ସାହାଯ୍ୟ, ନୂତନ ପ୍ରକଳ୍ପାରମ୍ଭ। ବିବାଦର ପରିସମାପ୍ତି, ବୈବସାୟିକ ସଫଳତା, ପ୍ଲଟିଙ୍ଗ୍ କାରବାର ବଢିବ, ସେବା ମନୋଭାବରୁ ପ୍ରଶଂସା ॥

**ଧନୁ**
ସ୍ୱାସ୍ଥ୍ୟ ସଂକଟ, ସଂଘର୍ଷମୟ ପରିସ୍ଥିତି, ସାହାଯ୍ୟ ଆଶାୟୀ, ବନ୍ଧୁଙ୍କ ପ୍ରତିଶ୍ରୁତି, ଅଧସ୍ତନଙ୍କ ଅପପ୍ରଚାର, ଭାବ ପ୍ରବଣତା ବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ଆକର୍ଷଣୀୟ କାମ, ସୁନ୍ଦର ପରିକଳ୍ପନା, ଅନିର୍ବଚନୀୟ ଆନନ୍ଦ, ସମ୍ପର୍କର ମାଦକତା ॥

**ମକର**
ନୂତନ ଯୋଜନାରମ୍ଭ, ଆର୍ଥିକ ସହଯୋଗ ପ୍ରାପ୍ତି, ପ୍ରତିବେଶୀଙ୍କ ସହଭାଗିତା, ସାମାଜିକ ପ୍ରତିଷ୍ଠା ସନ୍ତାନଙ୍କ ଦାବି, ପ୍ରକାଶନରେ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ବିଚଳିତ ମନ, ଭିଜିଲାନ୍ସ ଚଢାଉ, ରାଜନୈତିକ ବିତର୍କ ॥

**କୁମ୍ଭ**
ସ୍ଥଗିତ କର୍ମାରମ୍ଭ, ପ୍ରତୀକ୍ଷାଜନିତ କଷ୍ଟ, ପ୍ରତିରୋଧ ବୃଦ୍ଧି, ବୃଥା ସନ୍ଦେହ, ଗୃହ ସମସ୍ୟା, ସନ୍ତୁଳନ ହରାଇବେ, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ବ୍ୟବସାୟିକ ଉତ୍କର୍ଷତା, ବନ୍ଧୁମାନଙ୍କ ପ୍ରଶଂସା ॥

**ମୀନ**
ପାରିପାର୍ଶ୍ୱିକ ସଂକଟ, ଜଟିଳ ପରିସ୍ଥିତି, ଅନୁଗତଙ୍କ ଆନୁଗତ୍ୟ, ସାମୟିକ ଆଶ୍ୱସ୍ତି, ଆର୍ଥିକ ସାହାଯ୍ୟ, ପ୍ରିୟଜନଙ୍କ ନିଷ୍କ୍ରିୟତା, ଗୁରୁଜନଙ୍କ ପରାମର୍ଶ, ଖର୍ଚ୍ଚଭାର ବୃଦ୍ଧି। ନୂତନ ବନ୍ଧୁସମ୍ପର୍କ, ବିବାଦୀୟ ପରିସ୍ଥିତି ॥

# ଦାଢିରେ ଉଠାଉଛନ୍ତି ଯୁବତୀ

**ସା**ଧାରଣତଃ ଶିଖ୍‌ମାନଙ୍କ ପାଇଁ ନିଶ ଦାଢି ହେଉଛି ଗର୍ବ ଓ ଗୌରବର ପ୍ରତୀକ।ତେବେ ପାବ, ଲୁଧିଆନାର ରଞ୍ଜିତ ସିଂଙ୍କ ପାଇଁ ତାଙ୍କ ଦାଢି ପାଲଟିଛି ଏକ ସ୍ୱତନ୍ତ୍ର ପରିଚୟ। କାରଣ ତାଙ୍କ ଦାଢି ସାଧାରଣ ନୁହେଁ, ବରଂ ଲୁହା ପରି ଶକ୍ତ ଅଟେ। ଏଥିରେ ସେ ଉଠାଇପାରନ୍ତି ଭାରିରୁ ଅତି ଭାରି ଜିନିଷ। ସେଥିପାଇଁ ତ ତାଙ୍କୁ ସମସ୍ତେ ଡାକନ୍ତି ‘ବିୟର୍ଡ ମ୍ୟାନ୍’। ଏବେ ସେ ନିଜ ଦାଢିରେ ଯୁବତୀଙ୍କୁ ବି ଉଠାଇପାରୁଛନ୍ତି। ପୂର୍ବରୁ ଲିଥୁଆନିଆର ଆଣ୍ଟାନାସ୍ କୋନ୍ତ୍ରିମାସ୍ ୬୩ କି.ଗ୍ରା.ର ଯୁବତୀଙ୍କୁ ନିଜ ଦାଢିରେ ଉଠାଇ ରେକର୍ଡ କରିଥିଲେ। ରଞ୍ଜିତ ତାଙ୍କଠାରୁ ଅଧିକ ଓଜନର ଯୁବତୀଙ୍କୁ ଉଠାଇବା ଅଭ୍ୟାସ କରୁଛନ୍ତି। ଖୁବ୍ ଶୀଘ୍ର ପୁରୁଣା ରେକର୍ଡ ଭାଙ୍ଗି ନୂଆ ରେକର୍ଡ କରିବେ ବୋଲି ଆଶା ରଖିଛନ୍ତି। ପ୍ରଥମେ ପ୍ରଥମେ ଏହି କାମ କରିବାବେଳେ ତାଙ୍କୁ ବହୁତ କଷ୍ଟ ହୋଇଛି। ତଥାପି ସେ ଏହି ନିଶା ଛାଡି ନ ଥିଲେ। ଏବେ ସେ ୬୪ କି.ଗ୍ରା. ଓଜନର ଯୁବତୀଙ୍କୁ ଉଠାଇବାକୁ ସକ୍ଷମ ହେଲେଣି। ୨୦୧୦ରେ ଇଣ୍ଟରନେଟରେ ଲୋକଙ୍କୁ ଦାଢିରେ ଜିନିଷ ଉଠାଉଥିବା ଦେଖି ନିଜେ ବି ସେମିତି କରିବେ ବୋଲି ନିଷ୍ପତ୍ତି ନେଇଥିଲେ। କିନ୍ତୁ ଲୋକେ ତାଙ୍କୁ ଅନେକ ଥଟା କରିଥିଲେ। ହେଲେ ସେ ନିଜ ପରିବାରର ନାଁ ଓ ଟେକ ରହିବା ପାଇଁ ଅଭ୍ୟାସ ଜାରି ରଖିଛନ୍ତି। ବହୁତ କଷ୍ଟ ସହିଛନ୍ତି। ନିଜ ଦାଢିର ସେ



© Cover Asia Press / Faisal Magray

ବହୁତ ଯତ୍ନ ନିଅନ୍ତି। ଭଲ ତେଲ ଲଗାନ୍ତି। ଆଉ ଖୁବ୍ ଶୀଘ୍ର ରେକର୍ଡ କରିବେ ବୋଲି ଆଶା ରଖିଛନ୍ତି।

# ପାଠକୀୟ

▶ଏଥରର ପ୍ରଚ୍ଛଦପ୍ରସଙ୍ଗ ‘ସର୍ଜନାରେ ଆବାମିକା’ ବେଶ୍ ଉଚ୍ଚକୋଟୀର ହୋଇଛି। ସ୍ୱାମୀ ସ୍ତ୍ରୀ ଉଭୟେ ସାହିତ୍ୟ ସୃଷ୍ଟିରେ ନିମଗ୍ନ ରହୁଥିବା ସମୟରେ ଦୁହିଁଙ୍କ ଭିତରେ ସମ୍ପର୍କ କିଭଳି ରହେ ଓ କିଭଳି ରହିବା କଥା ବିଶିଷ୍ଟ ଲେଖକ ଦମ୍ପତିଙ୍କ କଥା ପଢି ଜାଣି ହେଲା। ସୃଜନ ପୃଷ୍ଠା ଓ ଅନ୍ୟାନ୍ୟ ଲେଖା ପଢି ଖୁସି ହେଲି। ହାଃ ହାଃ ବେ୍ ମଜାଦାର ଲାଗିଲା। କାର୍ଟୁନ କର୍ନର ମନଛୁଆଁ ହେଉଛି।

*-ନିରନ ସାହୁ,ନେତପୁର(ଖମାତୁଠ), ଗୋପ, ପୁରୀ*

▶ପ୍ରଚ୍ଛଦ ପ୍ରସଙ୍ଗ ସହ ସୃଜନ ପୃଷ୍ଠା ମତେ ବହୁତ ଭଲ ଲାଗିଲା। ଝାଡୁକୁ ନେଇ ବାସ୍ତୁ ପାଠରୁ ଅନେକ କିଛି ଜାଣିହେଲା। ବଲ୍‌ବ ପରି ଜଳୁଥିବା ଛତୁ ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ହାଃ ହାଃ ବେଶ୍ ହସ୍‌ର ଖୋରାକ ଦେଲା।

*-ସିମରନ୍ ପାଣି, ରାୟଗଡା*

▶ଧରିତ୍ରୀର ମୁଁ ଜଣେ ନିୟମିତ ପାଠକ। ଏଥର ଛୁଟିଦିନର ସୃଜନପୃଷ୍ଠାରେ ସ୍ଥାନିତ ‘ଗଛ’ କବିତାଟି ବହୁତ ଭଲ ଲାଗିଲା। ଛୋଟ ହେଲେ ବି ସେଥିରେ ବହୁତ କିଛି ଭାବାର୍ଥ ଥିଲା। ଅନ୍ୟ ପୃଷ୍ଠା ବି ମନଛୁଆଁ ହୋଇଥିଲା।

*-ତପନ କୁମାର ସ୍ୱାଇଁ, ତିର୍ତ୍ତୋଲ, ଜଗତସିଂହପୁର*

▶ପ୍ରଚ୍ଛଦ ପ୍ରସଙ୍ଗ ଭଲ ଲାଗିଲା। ସିନେମା ପୃଷ୍ଠା ବି ମନଛୁଆଁ ହୋଇଥିଲା। ମଡେଲ ମିରର୍‌ରେ ମନୋରନ ବେଶ୍ ହାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ବେଶ୍ ମଜାଦାର ଥିଲା। ବ୍ୟାକ୍‌ପେଜ୍‌ରେ ମାସ୍କ ଆର୍ଟ ପାଠଟି ପଢି ଭଲ ଲାଗିଲା।

*-ସୀମା ପଣ୍ଡା, ଭଦ୍ରକ*

▶ଏଥର ସୃଜନ ପୃଷ୍ଠାର ଗପ ‘ଅମୂଲ୍ୟ ସମ୍ପଦ’ ବେଶ୍ ମନଛୁଆଁ ହୋଇଥିଲା। କବିତାଗୁଡିକ ବି ଭଲ ଲାଗିଲା। କାର୍ଟୁନ କର୍ନର ମଜାଦାର ଥିଲା। ସିନେମା ପୃଷ୍ଠାରେ ‘ଦିଶା ଯାହା ଖୋଜୁଥିଲେ’ ଓ ‘ପୂଜାପାଠରେ ବ୍ୟସ୍ତ’ ପଢି ଭଲ ଲାଗିଲା।

*-ସମରେଶ ବେହେରା, ଛତ୍ରପୁର, ଗାମ*

▶ ଛୁଟିଦିନର ଆମେ ନିୟମିତ ପାଠକ। ଏଥିରେ ସ୍ଥାନିତ ସବୁ ବିଷୟ ବେଶ୍ ପଠନଯୋଗ୍ୟ ହୋଇଥାଏ। ପ୍ରଚ୍ଛଦପ୍ରସଙ୍ଗଠୁ ଆରମ୍ଭ କରି ସିନେମା, ହାଃ ହାଃ, କାର୍ଟୁନ କର୍ନର ସବୁ ଭଲ ଲାଗେ। ତେବେ ଏବେ ଏହା ୧୬ ପୃଷ୍ଠାରେ ଆସୁ ନ ଥିବାରୁ ଦୁଃଖ ଲାଗୁଛି।

*-ପିଙ୍କି ମହାପାତ୍ର, ହିଞ୍ଜିଳିକାଟୁ, ଗଞ୍ଜାମ*

## ବିଶେଷ ଚିଠି



ଛୁଟିଦିନରେ ଆସେ ଛୁଟିଦିନ
ତାକୁ ପଢି ସରସ ହୁଏ ମୋର ଦିନ।
ତା’ ପ୍ରେମେ ପଡିଛି ଏମିତି
ଆଉ କିଛି ପଢିବାକୁ ବଳୁନାହିଁ ମୋର ମନ।
ସବୁ ରବିବାର ଆସୁଥାଅ ଏମିତି
ନହେଲେ ଲାଗିବ ସତେ ଯେମିତି
ଅଧୁରା ଏ ଜୀବନ।

*-ସୌମ୍ୟାଶ୍ରୀ ମିଶ୍ର, କଟକ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଉଦ୍ଭାବନର ଦେଶ ଭାରତ





**ଶୂ**ନରୁ ମହାଶୂନ୍ୟ, ଯୋଗରୁ ଯନ୍ତ୍ର, ବେଦରୁ ବିଜ୍ଞାନ, ବୁଦ୍ଧବାଣୀରୁ ଅହିଂସା ପର୍ଯ୍ୟନ୍ତ ସବୁଥିରେ ରହିଛି ଭାରତର ବିଶ୍ୱକୁ ଅବଦାନ । ଅନେକ ଆରମ୍ଭ, ଉଦ୍ଭାବନ ଓ ଆବିଷ୍କାରର ଦେଶ ହେଉଛି ଭାରତ । ସେଇଥିପାଇଁ ତ ସାରା ପୃଥିବୀ ସମ୍ମାନ ଦେଇ ଆସିଛି ଏଇ ମାଟିକୁ। ଦେଶକୁ ଗୌରବାନ୍ୱିତ କରୁଥିବା ସେଇସବୁ ଉଦ୍ଭାବନ ସମ୍ପର୍କରେ କିଛି...

**ପ୍ରଥମ ବିଧିବଦ୍ଧ ଶିକ୍ଷାର ଆରମ୍ଭ ଭାରତରେ :** ଇତିହାସ କହେ ଖ୍ରୀ.ପୂ. ୬୦୦, ପୁରାତନ ଭାରତର ଉତ୍ତର-ପଶ୍ଚିମ ଦିଗସ୍ଥ ତକ୍ଷଶୀଳା ନଗରରେ ଏକ ବିରାଟ ବିଶ୍ୱବିଦ୍ୟାଳୟ ଥିଲା । ତା'ର ନାମ ଥିଲା ତକ୍ଷଶୀଳା ବିଶ୍ୱବିଦ୍ୟାଳୟ । ଏହାକୁ ପୃଥିବୀର ପ୍ରଥମ ବିଶ୍ୱ ବିଦ୍ୟାଳୟ ଭାବେ ଗଣନା କରାଯାଏ । ଏହା ବିଜ୍ଞାନ, ଖାସ୍‌କରି ମେଡିସିନ୍ ଏବଂ କଳା ପାଠ୍ୟକ୍ରମ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ଏଠାରେ ଧନୁର୍ବିଦ୍ୟା ଓ ଜ୍ୟୋତିର୍ବିଦ୍ୟା ଶିକ୍ଷା ବି ଦିଆଯାଉଥିଲା । ଭାରତର ବହୁ ଦୂର ଦୂରାନ୍ତରୁ ଅନେକ ଛାତ୍ର ଆସି ଏଠାରେ ଅଧ୍ୟୟନ କରୁଥିଲେ । ବିଶ୍ୱାସ କରାଯାଏ ଯେ, ଏଠାରେ ୧୦,୦୦୦ରୁ ଉର୍ଦ୍ଧ୍ୱ ଛାତ୍ର ଚାଇନା, ବେବିଲୋନ, ସିରିୟା ଓ ଗ୍ରୀସ୍‌ରୁ ଆସି ଅଧ୍ୟୟନ କରୁଥିଲେ । 'ଫାଦର ଅଫ୍ ମେଡିସିନ୍'ଭାବେ ପରିଚିତ ଚରକ ମଧ୍ୟ ଏଠାରେ ଅଧ୍ୟୟନ କରିଥିଲେ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ପ୍ରଧାନମନ୍ତ୍ରୀ କୌଟିଲ୍ୟ ବା ଚାଣକ୍ୟ ଏହି ବିଶ୍ୱବିଦ୍ୟାଳୟରେ ପଢାଉଥିବା କୁହାଯାଏ । ତେଣୁ ପୃଥିବୀର ପ୍ରଥମ ବିଧିବଦ୍ଧ ଶିକ୍ଷାଦାନ ଭାରତରେ ହିଁ ଆରମ୍ଭ ହୋଇଥିଲା ।

**ବୁଦ୍ଧିର ଖେଳ ଚେସ୍‌ର ସୃଷ୍ଟି ଭାରତରେ:** ୧୫୦୦ ବର୍ଷ ପୁରାତନ ହେଉଛି ଚେସ୍‌ର ଇତିହାସ । ପ୍ରଥମେ ଏହା କେଉଁଠାରୁ ଆରମ୍ଭ ହୋଇଥିଲା ଏବେବି ସଠିକ୍‌ଭାବେ ଜଣାପଡି ନାହିଁ । ତେବେ ଆଜି ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ମୁତାବକ ଏହି ଖେଳର ସୃଷ୍ଟି ୬ଷ୍ଠ ଶତାବ୍ଦୀ, ଗୁପ୍ତ ସାମ୍ରାଜ୍ୟ ସମୟରେ ଭାରତରେ ହୋଇଥିଲା । ସେତେବେଳେ ଏହା 'ଚତୁରାଙ୍ଗ' ନାମରେ ପରିଚିତ ଥିଲା । ଭାରତରୁ ଏହା ପର୍ସିଆକୁ ଯାଇଥିଲା । ଯେତେବେଳେ ଆରବ ପର୍ସିଆକୁ ପରାସ୍ତ କଲା ତାହା ମୁସଲମାନଙ୍କ ନିକଟକୁ ଯାଇଥିଲା । ପରେ ତାହା ଦକ୍ଷିଣ ୟୁରୋପରେ ପହଞ୍ଚିଥିଲା ।

**ଶୂନରୁ ମହାଶୂନ୍ୟ, ଯୋଗରୁ ଯନ୍ତ୍ର, ବେଦରୁ ବିଜ୍ଞାନ ପର୍ଯ୍ୟନ୍ତ ସବୁକିଛିରେ ରହିଛି ଭାରତର ବିଶ୍ୱକୁ ଅବଦାନ। ଅନେକ ଆରମ୍ଭ, ଉଦ୍ଭାବନ ଓ ଆବିଷ୍କାରର ଦେଶ ହେଉଛି ଭାରତ। ସେଥିପାଇଁ ତ ସାରା ପୃଥିବୀ ସମ୍ମାନ ଦେଇ ଆସିଛି ଏଇ ମାଟିକୁ...**

**ଶାମ୍ପୁର ସୃଷ୍ଟି:** କେଶକୁ ସଫା କରିବା ପାଇଁ ଘରେ ଘରେ ଶାମ୍ପୁକୁ ବ୍ୟବହାର କରାଯାଏ । ତେବେ ଜାଣିଛନ୍ତି କି, ଆଜିକାଲି ମିଳୁଥିବା ବିଭିନ୍ନ ବ୍ରାଣ୍ଡର ଶାମ୍ପୁର ସୃଷ୍ଟି କେଉଁଠି ହୋଇଥିଲା । ଆଉ କେଉଁଠି ନୁହେଁ ବରଂ ଆମ ଭାରତ ଭୂମିରେ ହିଁ ଏହାର ସୃଷ୍ଟି। ପ୍ରାଚୀନ ଭାରତରେ ବିଭିନ୍ନ ଚେରମୂଳି, ଔଷଧୀୟଗୁଣ ସମ୍ପନ୍ନ ଫଳ, ଯେମିତିକି ଅଁଳା, ଶିକାକାଇ, ମନ୍ଦାର ଫୁଲ, ରିଠା ଅରପୁ ଆଦିକୁ କେଶ ସଫା କରିବା ପାଇଁ ବ୍ୟବହାର କରାଯାଉଥିଲା । ୧୭୬୨, ମୋଗଲ ସାମ୍ରାଜ୍ୟ ସମୟରେ ବେଙ୍ଗଲର ନୱାବ ମୁଣ୍ଡରେ ବିଭିନ୍ନ ଔଷଧୀୟ ତୈଳ ମାଲିସ୍ କରୁଥିଲେ ଯାହା 'ଚମ୍ପୁ' ଭାବେ ପରିଚିତ ଥିଲା । ଆଉ ଏହି 'ଚମ୍ପୁ' ଶବ୍ଦରୁ ହିଁ 'ଶାମ୍ପୁ' ଶବ୍ଦ ଆସିଛି । ବର୍ଷ ଅତିକ୍ରାନ୍ତ ହେବା ସହ ଚମ୍ପୁ ତେଲ ଧୀରେ ଧୀରେ ଶାମ୍ପୁର ରୂପ ନେଇଥିଲା ।

**ସୂର୍ଯ୍ୟ ଚାରିପଟେ ପୃଥିବୀ ପରିକ୍ରମଣ ପାଇଁ ନେଉଥିବା ସମୟର ସଠିକ୍ ଆକଳନ କରିଥିଲେ ଭାସ୍କରାଚାର୍ଯ୍ୟ:** ଭାରତର ଜଣେ ବିଶିଷ୍ଟ ଗଣିତଜ୍ଞ ଓ ଜ୍ୟୋତିର୍ବିଦ ହେଉଛନ୍ତି ଭାସ୍କରାଚାର୍ଯ୍ୟ । ତାଙ୍କ ଜନ୍ମ କର୍ନାଟକର ବିଜାପୁରରେ । ଅସାଧାରଣ ଜ୍ଞାନର ଅଧିକାରୀ ଭାସ୍କରାଚାର୍ଯ୍ୟ ହିଁ ପ୍ରଥମେ ସୂର୍ଯ୍ୟ ଚାରିପଟେ ପୃଥିବୀ ପରିକ୍ରମଣ କରିବା ଲାଗି ନେଉଥିବା ସଠିକ୍ ସମୟକୁ ଆକଳନ କରିଥିଲେ ।

**ବୋତାମ:** ଶାର୍ଟକୁ ବାନ୍ଧି ରଖୁଥିବା ବୋତାମର ଉଦ୍ଭାବନ ବି ଭାରତରେ ହୋଇଥିଲା । ସିନ୍ଧୁ ସଭ୍ୟତାର ମହେଞ୍ଜୋଦାରୋ ସହର ଖନନବେଳେ ଉଦ୍ଧାର ହୋଇଥିବା ଶାମୁକାରେ ତିଆରି ବୋତାମ ଭଳି ଜିନିଷ ହେଉଛି ଏହାର ଜ୍ୱଳନ୍ତ ପ୍ରମାଣ । ବିଭିନ୍ନ ଆକୃତିର ଏହି ବୋତାମ ଭଳି ଜିନିଷରେ ଦୁଇଟି କଣା ରହୁଥିଲା । ଯଦିଓ ପ୍ରଥମେ ତାକୁ ଗହଣାଭାବେ ବ୍ୟବହାର କରାଯାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାକୁ କପଡାକୁ ବାନ୍ଧି ରଖିବା କାର୍ଯ୍ୟରେ ବ୍ୟବହାର କରାଯାଇଥିଲା ।

**ସାପ- ଶିଡି ଖେଳ:** ଘରେ ଘରେ ପରିଚିତ ଏଇ ଖେଳ । ଖାସ୍ କରି ପିଲାମାନଙ୍କର ଏହା ବହୁତ ପ୍ରିୟ । ଏହି ପାରିବାରିକ ମଜାଦାର ଖେଳର ଆରମ୍ଭ ମଧ୍ୟ ଭାରତରେ । ପୁରାତନ ଭାରତରେ ଏହା 'ମୋକ୍ଷପଟମ୍' ନାମରେ ପରିଚିତ ଥିଲା । ଏହି ଖେଳ ପାରମ୍ପରିକ ହିନ୍ଦୁ ଦର୍ଶନଶାସ୍ତ୍ର ସହ ଜଡିତ ଥିଲା । ଏହା ମାଧ୍ୟମରେ କୁକର୍ମ ଓ ସୁକର୍ମର ପ୍ରଭାବ ସମ୍ପର୍କରେ ଶିକ୍ଷା ଦିଆଯାଉଥିଲା । ଏଥିରେ ଅନେକ ପ୍ରତିକାତ୍ମକ ଚିତ୍ର ଥିଲା । ବୋର୍ଡର ଉପର ଭାଗରେ ଭଗବାନ, ପରୀ ଆଦିଙ୍କର ଚିତ୍ର ଥିବାବେଳେ ତଳକା ଭାଗରେ ପଶୁ, ଫୁଲ ଓ ଲୋକଙ୍କର ଚିତ୍ର ଥିଲା । ତା'ସହ ସାପ ଓ ଶିଡିର ଚିତ୍ର ରହୁଥିଲା । ବିଶ୍ୱାସ, ବଦାନ୍ୟତା ଓ ନମ୍ର ମନୋଭାବର ପ୍ରତୀକ 'ସିଡି' ଥିଲାବେଳେ 'ସାପ' ଥିଲା କ୍ରୋଧ,







ହତ୍ୟା, ଚୋରି ଆଦିର ପ୍ରତୀକ। ଏହି ଖେଳରୁ ଶିକ୍ଷା ମିଳୁଥିଲା ଯେ, 'ମୋକ୍ଷ' ଭଲ କର୍ମରୁ ମିଳିଥାଏ। ଏଥିରେ ଶେଷ ବର୍ଗାକାର ଅର୍ଥାତ୍ ୧୦୦ରେ ପହଞ୍ଚିବା 'ମୋକ୍ଷ' ପାଇବା ଦର୍ଶାଉଥିଲା। ତେବେ ଇଂରେଜ ଶାସନ ସମୟରେ ଭାରତର ଏହି ଖେଳ ଇଂଲଣ୍ଡ ପାଖକୁ ଚାଲିଯାଇଥିଲା। ପରେ ଏହା ଆମେରିକାକୁ ଗଲା।

**ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଓ ପ୍ଲାଷ୍ଟିକ ସର୍ଜରି:** ଅସ୍ତ୍ରୋପଚାର ମାଧ୍ୟମରେ ଚିକିତ୍ସା ଆରମ୍ଭ କରିଥିଲେ ପ୍ରାଚୀନ ଭାରତର ମହାନ ଚିକିତ୍ସକ ସୁଶ୍ରୁତ। ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ସେ ପ୍ରଥମ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରିଥିଲେ। ଏଥିପାଇଁ ସେ ଏକ ବଙ୍କା ଛୁଞ୍ଚି ପରି ଜିନିଷ ବ୍ୟବହାର କରୁଥିଲେ। ଯାହା ସାହାଯ୍ୟରେ ସେ ଲେନ୍ସକୁ ଢିଲା କରି ଦେଖାଯାଉଥିବା ଭାଗରେ ଥିବା ମୋତିଆ ବିନ୍ଦୁକୁ ଟାଣି ବାହାର କରୁଥିଲେ। ଏହାପରେ ସେ ଆଖିରେ ଉଷୁମ ଲହୁଣି ଲଗାଇ ବ୍ୟାଣ୍ଡେଜ କରୁଥିଲେ। ସୁଶ୍ରୁତଙ୍କ ପାଖକୁ ବିଭିନ୍ନ ଦେଶରୁ ଲୋକ ଉକ୍ତ ସଫଳ ପଦ୍ଧତିରେ ଚିକିତ୍ସା ହେବା ପାଇଁ ଆସୁଥିଲେ। ସୁଶ୍ରୁତ ଓ ଚରକଙ୍କ ଚିକିତ୍ସା ପଦ୍ଧତିଗୁଡିକ ପ୍ରାଚୀନ ଭାରତରେ ସଂସ୍କୃତ ଭାଷାରେ ଲେଖାଯାଇଥିଲା, ଯାହାକୁ ପରେ ଆରବୀୟ ଭାଷାକୁ ଅନୁବାଦ କରାଯାଇଥିଲା। ଟାହୁଁ ଟାହୁଁ ତାହା ୟୁରୋପୀୟ ଦେଶ ଓ ଚାଇନାରେ ପହଞ୍ଚି ଯାଇଥିଲା। ତେବେ କେବଳ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ନୁହେଁ ପ୍ଲାଷ୍ଟିକ ସର୍ଜରି ଅସ୍ତ୍ରୋପଚାରରେ ମଧ୍ୟ ସୁଶ୍ରୁତଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ଖ୍ରୀ.ପୂ ୬ଷ୍ଠ ଶତାବ୍ଦୀରେ ସେ ହିଁ ଏହି ଅସ୍ତ୍ରୋପଚାର ଆରମ୍ଭ କରିଥିଲେ।

**ହୀରା ଥିଲା କେବଳ ଭାରତରେ:** ପ୍ରାୟ ୫୦୦୦ ବର୍ଷ ପୂର୍ବେ ମଧ୍ୟ-ଭାରତରେ ବିପୁଳ ମାତ୍ରାରେ ହୀରାର ସନ୍ଧାନ ମିଳିଥିଲା, ଯାହାକି ପରେ ଏକ ବହୁମୂଲ୍ୟ ରତ୍ନ ପଥରଭାବେ ପରିଚିତ ହେଲା। ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କେବଳ ଭାରତରେ ହିଁ ହୀରା ଖଣି ଥିଲା। ପରେ ଯାଇ ବ୍ରାଜିଲରେ ହୀରା ଖଣିର ସନ୍ଧାନ ମିଳିଥିଲା।

**ରକେଟ୍:** ଯଦିଓ ବହୁପୂର୍ବରୁ ରକେଟ୍‌ର ବ୍ୟବହାର ହୋଇଥିବା ପ୍ରମାଣ ମିଳେ। କିନ୍ତୁ ପ୍ରଥମ ଆଇରନ୍ କେସ୍‌ଡ ବା ଲୁହାର ଢାଞ୍ଚା ଭିତରେ ଥିବା ରକେଟ୍ ଭାରତରେ ତିଆରି ହୋଇଥିଲା। ୧୭୮୦ରେ ଦକ୍ଷିଣ ଭାରତୀୟ ରାଜ୍ୟ ମହୀଶୂରର ରାଜା ହାଇଦର ଅଲ୍ଲୀ ଓ ତାଙ୍କ ପୁଅ ଟିପୁ ସୁଲତାନ ଏହାକୁ ଗୁଣ୍ଟୁର ଯୁଦ୍ଧରେ ବ୍ରିଟିଶ ସୈନ୍ୟଙ୍କ ବିରୋଧରେ ବ୍ୟବହାର କରିଥିଲେ। ଏହି ରକେଟ୍ 'ମହୀଶୂର ରକେଟ୍' ଭାବେ ଖ୍ୟାତି ଲାଭ କରିଥିଲା। ଏହାକୁ ସାମ୍ନା ନ କରିପାରି ସେତେବେଳେ ବ୍ରିଟିଶମାନେ ହାର୍ ମାନିଥିଲେ। ରକେଟ୍‌ର ଏହି ପଦ୍ଧତିକୁ ପରେ ବ୍ରିଟିଶମାନେ ଆପଣେଇ ନିଜସ୍ୱ ରକେଟ୍ ତିଆରି କରିଥିଲେ।

**ଫ୍ଲଶ୍ ଟଏଲେଟ୍:** ପ୍ରାୟ ୫୦୦୦ ବର୍ଷ ପୂର୍ବେ ଭାରତରେ ଗଢି ଉଠିଥିବା ସିନ୍ଧୁ ସଭ୍ୟତା ଥିଲା ଏକ ଉନ୍ନତ ସଭ୍ୟତା। ଉନ୍ନତମାନର କେନାଲ ବ୍ୟବସ୍ଥା ସହ ଜଳ ସେଚନ, ନାଳ ନର୍ଦ୍ଦମା ବ୍ୟବସ୍ଥା ଥିଲା ଏହି ସଭ୍ୟତାରେ। ଜାଣି ଆଶ୍ଚର୍ଯ୍ୟ ହେବେ ଆଜିକାଲି ଘରେ ଘରେ ବ୍ୟବହାର ହେଉଥିବା ଫ୍ଲଶ୍ ଟଏଲେଟ୍ ମଧ୍ୟ ପ୍ରଥମେ ସିନ୍ଧୁ ସଭ୍ୟତାରେ ବ୍ୟବହାର କରାଯାଉଥିଲା। ଖନନରୁ ଉଦ୍ଧାର ହୋଇଥିବା ଶୌଚାଳୟ ବ୍ୟବସ୍ଥାରୁ ଜଣାପଡେ ଯେ, ସିନ୍ଧୁ ସଭ୍ୟତାରେ ପ୍ରାୟ ସବୁ ଘରେ ଫ୍ଲଶ୍ ଟଏଲେଟ୍ ଥିଲା।

**ରେଡିଓ ୱାୟାରଲେସ୍ କମ୍ୟୁନିକେସନ୍:** ଏକଥା ସମସ୍ତେ ଜାଣନ୍ତି ଯେ, ରେଡିଓର ନିର୍ମାତା ହେଉଛନ୍ତି ଗୁଲିଏଲ୍ମୋ ମାର୍କୋନି। ୧୯୦୯ରେ ସେ ୱାୟାରଲେସ୍ ଟେଲିଗ୍ରାଫି ବିକାଶ କ୍ଷେତ୍ରରେ ଅବଦାନ ପାଇଁ ନୋବେଲ ପୁରସ୍କାର ବି ପାଇଛନ୍ତି। କିନ୍ତୁ ଏକଥା ହୁଏତ ଅନେକେ ଜାଣି ନ ଥିବେ ଯେ, ୧୮୯୫ରେ ରେଡିଓ ୱେଭ୍ ଉପରେ ସର୍ବପ୍ରଥମ ପବ୍ଲିକ୍ ଡେମୋନଷ୍ଟ୍ରେସନ୍ କରିଥିଲେ ଜଗଦିଶ ଚନ୍ଦ୍ର ବୋଷ। ଏହାର ଦୁଇ ବର୍ଷ ପରେ ଯାଇ ମାର୍କୋନୀ ସେହିଭଳି ଏକ ପବ୍ଲିକ ଡେମୋନଷ୍ଟ୍ରେସନ୍ ଇଂଲଣ୍ଡରେ କରିଥିଲେ। କିନ୍ତୁ ରେଡିଓ ୱାୟାରଲେସ୍ କମ୍ୟୁନିକେସନ୍‌ର ବିକାଶ ପାଇଁ ଜଗଦିଶ ଚନ୍ଦ୍ର ବୋଷଙ୍କୁ ଜୀବନ ଥିବା ପର୍ଯ୍ୟନ୍ତ କୌଣସି ମାନ୍ୟତା ମିଳି ନ ଥିଲା। ପ୍ରାୟ ୧୦୦ ବର୍ଷ ପରେ ତାଙ୍କୁ ତାଙ୍କ ଅବଦାନ ପାଇଁ ମରଣୋତ୍ତର ମାନ୍ୟତା ମିଳିଥିଲା।

**ସାରା ପୃଥିବୀକୁ ଚିନିର ସ୍ୱାଦ ଚଖେଇଥିଲା ଭାରତ:** ଆଖୁରୁ କ୍ରିଷ୍ଟାଲ ପରି ଚିନି ପ୍ରସ୍ତୁତ କରିବା ପଦ୍ଧତି ପ୍ରଥମେ ଗୁପ୍ତ ଯୁଗରେ ଭାରତରେ ଆବିଷ୍କାର ହୋଇଥିଲା। ସେତେବେଳେ ସ୍ଥାନୀୟ ଲୋକେ ଏହାକୁ 'ଖଣ୍ଡ' ବୋଲି କହୁଥିଲେ। ଏହାକୁ ସଂରକ୍ଷିତ କରି ରଖିବା ଓ ନେବା ଆଣିବା ସହଜ ଥିଲା। ତେଣୁ ଏହାର ଚାହିଦା ବଢିଥିଲା। ଖ୍ରୀ.ପୂ.୮ମ ଶତାବ୍ଦୀର ଚାଇନାର ପାଣ୍ଡୁଲିପି କହେ ଯେ, ଚାଇନାର ବୌଦ୍ଧ ସନ୍ନ୍ୟାସୀମାନେ ଭାରତ ଆସୁଥିଲେ ଚିନିର ପ୍ରସ୍ତୁତି ଶିଖିବା ପାଇଁ। ଚାଇନାର ଆଉ କିଛି ଦସ୍ତାବିଜ ବି କହେ, ଚିନିର ପ୍ରସ୍ତୁତି ଶିଖିବା ପାଇଁ ଭାରତକୁ ସେମାନେ ଦୁଇଟି ମିଶନ୍‌ରେ ଆସିଥିଲେ।

**କାଳି:** ମନର ଭାବକୁ ଲିଖିତ ରୂପ ଦେବା ପାଇଁ ଅନେକ ସଂସ୍କୃତି ଓ ସଭ୍ୟତାରେ କାଳିର ବ୍ୟବହାର ହୋଇଛି। କିନ୍ତୁ କାଳିରେ କାର୍ବନ ପିଗ୍‌ମେଣ୍ଟର ବ୍ୟବହାର ପ୍ରଥମେ ଭାରତରେ ହୋଇଥିଲା। ଖ୍ରୀ.ପୂ. ୪ର୍ଥ ଶତାବ୍ଦି ବେଳକୁ କାଳି ଓ ଏକ ମୁନିଆ ଛୁଞ୍ଚି ବ୍ୟବହାର କରି ଲେଖିବା ଦକ୍ଷିଣ ଭାରତରେ ସାଧାରଣ ଥିଲା।

ଖାଲି ଏତିକି ନୁହେଁ ଆହୁରି ଅନେକ ଉଦ୍ଭାବନ ଓ ଆବିଷ୍କାର ହୋଇଛି ଏଇ ଭାରତ ଭୂମିରେ। ତେଣୁ ସାରା ପୃଥିବୀ ସମ୍ମାନ ଦେଇ ଆସିଛି ଉଦ୍ଭାବନର ଦେଶ ଭାରତକୁ।

–ଶିବାନୀ ମହାନ୍ତି









# ପାଠ ପଢ଼ାଇବେ ୟାମି

କିକଥା, ୟାମି ପାଠ ପଢ଼ାଇବେ ! ତା’ ଅର୍ଥ କ’ଣ ଯେ ସେ ଅଭିନୟ ଛାଡି ଶିକ୍ଷକତା ଲାଇନ୍‌କୁ ଆପଣେଇବାକୁ ଯାଉଛନ୍ତି ? ହେଲେ ଅସଲ କଥା ସେଇଆ ନୁହେଁ। ନିର୍ମିତ ହେବାକୁ ଯାଉଥିବା ଏକ ସସପେନ୍ସ ଥ୍ରୀଲର୍‌ରେ ୟାମି ଜଣେ ଶିକ୍ଷୟିତ୍ରୀ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏହି ଫିଲ୍ମର ଟାଇଟଲ୍ ରହିଛି ‘ଏ ଥର୍ସଡେ’। ଏ ସମ୍ପର୍କରେ ୟାମି କହନ୍ତି, ‘ଜଣେ ଶିକ୍ଷୟିତ୍ରୀଙ୍କ ସଂଘର୍ଷମୟ କାହାଣୀକୁ ନେଇ ଫିଲ୍ମଟି ପ୍ରସ୍ତୁତ ହେବ। ତେଣୁ ଏହି ଫିଲ୍ମ ପାଇଁ ମୋତେ ଏବେ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡୁଛି। ଆଶା ରଖିଛି ଉଭୟ ଫିଲ୍ମ ଏବଂ ମୋ ଭୂମିକାକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।’ ଆରଏସଭିପି ମୁଭିଜ ଏବଂ ବ୍ଲୁ ମଙ୍କି ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ରୋନି ସ୍କ୍ରୁୱାଲା। ଫିଲ୍ମର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ବେହଜାଦ୍ ଖମ୍ବାଟା। ଏଥିରେ ୟାମି ଜଣେ ପ୍ଲେ ସ୍କୁଲ ଟିଚର୍ (ନୈନା ଜୈସୱାଲ) ଭୂମିକାରେ ଅଭିନୟ କରିବେ। ଏହି ଭୂମିକାକୁ ତୁଲାଇବା ପାଇଁ ସେ ଏବେ କେତେଜଣ ପ୍ଲେ ସ୍କୁଲ ଟିଚରଙ୍କ ସହ ଆଲୋଚନା କରୁଛନ୍ତି। ଯଦ୍ୱାରା କି ସେ ନିଜ ଭୂମିକାକୁ ଆହୁରି ସୂଚାରୁ ରୂପେ ତୁଲାଇ ପାରିବେ ବୋଲି କହନ୍ତି।

# ସୂର୍ଯ୍ୟକାନ୍ତ ଯାହା ଚାହୁଁଥିଲେ..

ବେଳେବେଳେ ମଣିଷ ଯାହା ଖୋଜୁଥାଏ ତାହା ତାକୁ ହାତ ପାଆନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ଯେପରି ଏକ ଭିନ୍ନ ଧରଣର ଭୂମିକାରେ ସେ ଦର୍ଶକଙ୍କ ସାମନାକୁ ଆସିବାକୁ ଚାହୁଁଥିଲେ ତାହା କିପରି ପୂରଣ ହୋଇଛି। ହଁ, ସେ ହେଲେ ସୂର୍ଯ୍ୟକାନ୍ତ। ସୂର୍ଯ୍ୟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ନୂଆ ଓଡ଼ିଆ ସିନେମା ‘ବାଲୀ–ଦ ସେଭିୟର’ରେ ତାଙ୍କୁ ମିଳିଛି ଏପରି ମନଲାଖି ଭୂମିକା। ଏକ ସାମ୍ପ୍ରତିକ ଘଟଣା ଉପରେ ଆଧାରିତ କାହାଣୀକୁ ନେଇ ଏହି ସିନେମାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖାସ୍ କଥା ହେଲା ଏଥିରେ ନାୟକ ସୂର୍ଯ୍ୟକାନ୍ତ (ହାପି) ଏକ ଭିନ୍ନ ଧରଣର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ‘ଏହି ଫିଲ୍ମରେ ମୁଁ ଜଣେ ବସ୍ତିର ଯୁବକ ରୋଲ୍‌ରେ ଅଭିନୟ କରୁଛି। ଆଜିକାଲି ବସ୍ତି ଉଚ୍ଛେଦ କରି ସେଠାରେ ବିଭିନ୍ନ ପ୍ରକାର ଆପାର୍ଟମେଣ୍ଟ, ମଲ୍ ଆଦି ନିର୍ମାଣ କରାଯାଉଛି। ଏହାକୁ ବିରୋଧ କରିବାକୁ ଆଗଭର ହୋଇଛି ଜଣେ ଯୁବକ। ତେବେ ତାକୁ ଏହି କାମରେ ଅନ୍ୟମାନେ କିପରି ସାହାଯ୍ୟ କରୁଛନ୍ତି ଏବଂ ସେ ନିଜ ଲକ୍ଷ୍ୟରେ ସଫଳ ହେଉଛି କି ନାହିଁ, ତାହା ସିନେମାଟିରେ ଦେଖିବାକୁ ମିଳିବ। ଏହି ଫିଲ୍ମର କାହାଣୀ ସହ ଉପସ୍ଥାପନା, ସଙ୍ଗୀତ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି ଏବଂ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରହିଛି।’ ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି ଥିଏଟର ଅଭିନେତ୍ରୀ ମାମା ସାମଲ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀ କ୍ରିଷ୍ଣା।


ସୂର୍ଯ୍ୟକାନ୍ତ-ମାମା

# ବ୍ୟସ୍ତ ଅଛନ୍ତି ଅକ୍ଷୟ

କୋଭିଡ କଟକଣା କୋହଳ ହେବା ପରେ ଏବେ ହିନ୍ଦୀ ସିନେମାର ଶୁଟିଂ ଆରମ୍ଭ ହୋଇଯାଇଛି। ତେଣୁ ବଲିଉଡ୍‌ର କଳାକାରମାନେ ନିଜ ନିଜ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏ ନେଇ ବୋଧହୁଏ ସବୁଠାରୁ ଆଗରେ ଅଛନ୍ତି ଖିଲାଡି ମାଷ୍ଟର ଅକ୍ଷୟ କୁମାର। ଏବେ ତ ସେ ଅଭିନୟ କରୁଥିବା ‘ବେଲ୍ ବଟମ୍’ର ଶୁଟିଂ ସ୍କଟଲାଣ୍ଡରେ ଚାଲିଛି। ଏହା ଶେଷ ହେବା ପରେ ସେ ଆଉ ଏକ ନୂଆ ସିନେମାର ଶୁଟିଂରେ ଯୋଗଦେବେ। ସେହି ଫିଲ୍ମର ଟାଇଟଲ ରହିଛି ‘ପୃଥ୍ୱୀରାଜ’। ଐତିହାସିକ କାହାଣୀକୁ ଆଧାର କରି ଏହି ବିଗ୍‌ବଜେଟ୍ ଫିଲ୍ମର ପ୍ରଯୋଜନା କରୁଛନ୍ତି ଆଦିତ୍ୟ ଚୋପ୍ରା। ବର୍ତ୍ତମାନ ଏହାର ସେଟ୍ ନିର୍ମାଣ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ଦୁଇଟି ବିଶାଳ ରାଜପ୍ରାସାଦ ପ୍ରସ୍ତୁତ କରାଯାଉଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିବେ ଅକ୍ଷୟ କୁମାର। ଖାସ୍ କଥା ହେଲା ତାଙ୍କ ସହ ଏଥିରେ ସ୍କ୍ରିନ୍ ସେୟାର କରିବେ ୨୦୧୭ରେ ମିସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ମାନୁଷୀ ଛିଲ୍ଲର୍। ସେ ପ୍ରଥମ ଥର ପାଇଁ ବଡ ପରଦାରେ ମୁହଁ ଦେଖାଇବେ। ଫିଲ୍ମଟିର ଶୁଟିଂ ଖୁବ୍ ଶୀଘ୍ର ବମ୍ବେରେ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଫିଲ୍ମଟିକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଅକ୍ଷୟ। ଏଥିରେ ଆଶୁତୋଷ ରାଣା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ତେବେ ଅକ୍ଷୟ-ମାନୁଷୀ ଯୋଡି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।


ଅକ୍ଷୟ

# ଇଶାନଙ୍କ ପ୍ରଶଂସାରେ ଅନନ୍ୟା

ଜଣେ ଅଭିନେତାଙ୍କ ଅଭିନୟରେ ଏହି ଷ୍ଟାର କିଡ୍ ଭାରି ପ୍ରଭାବିତ ହୋଇଛନ୍ତି। ତେଣୁ ଯୁଆଡେ ଗଲେ ତାଙ୍କର ଗୁଣଗାନ କରିବାକୁ ପଛାଉ ନାହାନ୍ତି। ତା’ସହ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ଏହି ଷ୍ଟାର୍ କିଡ୍ କିଏ ଜାଣନ୍ତି ? ଚଙ୍କି ପାଣ୍ଡେଙ୍କ କନ୍ୟା ଅନନ୍ୟା ପାଣ୍ଡେ। କଥା କ’ଣ କି ଏବେ ଅନନ୍ୟାଙ୍କ ମୁହଁରୁ ଇଶାନ୍ ଖଟ୍ଟରଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଅସଲ କଥା ହେଲା, ଦୁହେଁ ପ୍ରଥମ ଥର ପାଇଁ ଏକତ୍ର ‘ଖାଲି ପିଲି’ରେ ଅଭିନୟ କରିଛନ୍ତି। ଏ ବିଷୟରେ ଅନନ୍ୟା କହନ୍ତି, ‘ଇଶାନ୍ ଭବିଷ୍ୟତରେ ଜଣେ ଭଲ ଅଭିନେତା ହେବେ। ସେ ନିଜ ଆକ୍ଟିଂ ପ୍ରତି କେତେ ସିରିୟସ ତାହା ମୁଁ ଶୁଣିଥିଲି, ଆଉ ଏହି ଫିଲ୍ମରେ ତାଙ୍କ ସହ ଅଭିନୟ କରିବା ପରେ ଜାଣିପାରିଲି। ‘ଖାଲି ପିଲି’ରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ମୋର ଆଶା ରହିଛି।’ ତେବେ ସେପଟେ ଇଶାନ୍ ମଧ୍ୟ ଅନନ୍ୟାଙ୍କୁ ପ୍ରଶଂସା କରିବାକୁ ଭୁଲି ନାହାନ୍ତି। ଦିନେ ନା ଦିନେ ସେ ନାୟିକା ଦୌଡରେ ଶୀର୍ଷ ସ୍ଥାନ ଅଧିକାର କରିବେ ବୋଲି ପୂର୍ବାନୁମାନ କରିଛନ୍ତି ଇଶାନ୍। ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୁକବଲ ଖାଁ।


ଅନନ୍ୟା



ଅମୀଷା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## କୁକୁର

ମୁନାକୁ ଜୋର୍‌ରେ ପରିସ୍ରା ଲାଗୁଥାଏ। ସେ ଏକ କାନ୍ଥ ପାଖକୁ ଗଲା। ସେଠି ଲେଖାଥିଲା- 'ଏଠି ଯିଏ ପରିସ୍ରା କରୁଛି ସେ କୁକୁର ଅଟେ'। ମୁନା ଲେଖା ପଢି ହସି ହସି ପରିସ୍ରା କରୁଥାଏ। ପରିସ୍ରା କରିବା ପରେ ଜଣେ ବ୍ୟକ୍ତି- ତମେ ଏତେ ହସୁଛ କାହିଁକି ?

ମୁନା- ମୁଁ ଏଇୟା ଭାବି ହସୁଥିଲି ଯେ, ପରିସ୍ରା ମୁଁ କଲି ବଦନାମ୍ ହେବ ବିଚରା କୁକୁର।

## ତାମିଲ

ରାଜୁ ଓ ସ୍ତ୍ରୀ ଜଣେ ବ୍ୟକ୍ତିଙ୍କ ପାଖକୁ ତାମିଲ ଶିଖିବାକୁ ଯାଇଥାଆନ୍ତି। ବ୍ୟକ୍ତି- ତୁମେ ଦୁହେଁ ତାମିଲ କାହିଁକି ଶିଖିବ ?

ରାଜୁ- ଆମେ ଏକ ତାମିଲ ପିଲା ପୋଷ୍ୟଭାବେ ଗ୍ରହଣ କରିଛୁ।

ବ୍ୟକ୍ତି- ଭଲ କଥା। ହେଲେ ତାମିଲ କାହିଁକି ଶିଖିବ।

ରାଜୁ- ସେ ଯେତେବେଳେ ବଡ ହେଇ ତାମିଲ କହିବ ଆମେ କେମିତି ତା' କଥା ବୁଝିବୁ ? ସେଥିପାଇଁ ଆଗୁଆ ଶିଖିଯିବୁ ବୋଲି ଆସିଛୁ।

## ଚା' ନା ଥଣ୍ଡା

ଗୋପୀ ଘରକୁ କୁଣିଆ ଆସିଥାଆନ୍ତି।

ଗୋପୀ- ଆଜ୍ଞା ଚା' ନେବେ ନା ଥଣ୍ଡା ?

କୁଣିଆ- ଉଭୟ।

ଗୋପୀ କିଛି ସମୟ ଭାବିବା ପରେ ଟ୍ରେରେ କପ୍ ଧରି ଆସି- ଆଜ୍ଞା ନିଅନ୍ତୁ।

କୁଣିଆ କପ୍ ଦେଖି- ଏ କ'ଣ ?

ଗୋପୀ- ଆପଣ ହିଁ ତ ଚା' ଓ ଥଣ୍ଡା ଉଭୟ କହିଥିଲେ। ସେଥିପାଇଁ ମୁଁ ଚା'ରେ ବରଫ ପକେଇ ନେଇ ଆସିଛି।

## ତୁମ ପରିଧି ବାହାରେ

ଘଡିଆଳ ଆଖିର ଲୁହଭଳି ତୁମ
ପ୍ରେମ ନିବେଦନ ଅନେକଥର ମୋତେ
ଭ୍ରମିତ କରିଛି, ସେ ଭଲ ପାଇବାରେ
କିଛି ଆଶା ଉଦ୍ଦୀପନା ନାହିଁ,
କେବଳ ଅଛି ତ କାମନାର ଭୋକ
ଯାହା କ୍ଷଣିକ ଏକ ମରୀଚିକା ପ୍ରାୟ।

ମୁଁ ତ ମାଟି ପ୍ରକୃତିର, ମୂର୍ତ୍ତି ହେବାର
ସ୍ୱପ୍ନକୁ ହୃଦୟ ତଳେ ଦବେଇ ରଖିଛି,
ଏତେ ଚାପ ତାପ ସହିବାର ଧୈର୍ଯ୍ୟ ନାହିଁ,
ନିଜକୁ ପ୍ରମାଣ କରିବାକୁ ମୁଁ ଅସମର୍ଥ।

ଇନ୍ଦ୍ରଧନୁର ରଙ୍ଗର ଗରିମା କ୍ଷଣିକ
ବର୍ଷାପରେ, ହେଲେ ମୁଁ ମାଟିର ରଙ୍ଗରେ
ତୁମ ସଙ୍ଗେ ଓଦା ରହିବାକୁ ଚାହେଁ,
ତୁମ କାମନାରେ ଜଳିଜଳି ଅଣନିଃଶ୍ୱାସୀ ହୋଇ
ବଞ୍ଚିବାର ଇଛା ମୋର ବିଲକୁଲ୍ ନାହିଁ,
ମୁଁ ଚାହେଁ ଏକ ଖୋଲା ଆକାଶ,
ତୁମ ପରିଧି ବାହାରେ।

ଏକ ସରଳ ବିଶ୍ୱାସୀ ମଣିଷଟିଏ ମୁଁ , ସ୍ୱପ୍ନରେ
ଉବୁଟୁବୁ ହୋଇ ଖୁବ୍ ହସିବାକୁ ଚାହେଁ, ମୋର
ଯୋଗ୍ୟତା ନ ପରଖି ତୁମେ !
ନିଜେ ନିଜକୁ ତଉଲ, ଦେଖିବ କେତେ
କଦାକାର, କୁତ୍ସିତ ଓ ବିଭତ୍ସ ସେ ରୂପ,
ଯାହା ତୁମେ ନିଜେ ଦେଖି ବି ଡରିଯିବ।

**-ଡ. ଅମିୟ କୁମାର ମହାପାତ୍ର**
ଦ୍ୱାରକା, ନୂଆଦିଲ୍ଲୀ
ମୋ-୮୩୮୩୦୬୨୬୬୧

## ତୁମେ

ମୋ ପ୍ରେମ କୋଣାର୍କେ
ତୁମେ ଏକ ଅଭିନବ ଆଲେଖ୍ୟ,
ମୋ ସ୍ମୃତି ସହରେ
ଚିର ଅମଳୀନ ତୁମ ପ୍ରୀତି ମୟୂଖ ।।
ପ୍ରତୀକ୍ଷାର ଆକାଶେ ଯେ ତୁମେ
ଆତ୍ମସ୍ଥ ତୃପ୍ତିତ ଚାନ୍ଦ,
ସ୍ୱପ୍ନର ଅଙ୍କା ବଙ୍କା ନଈ ଧାରେ ଯେ ତୁମେ
ଏକ ମଧୁର ବିହାୟସ ଛନ୍ଦ ।।
ତୁମେ ମୋ ଅଜ୍ଞାତ ଦିଗବଳୟର
ଉଜ୍ଜ୍ୱଳତମ ଦୃଷ୍ଟାନ୍ତ ନକ୍ଷତ୍ର,
ବାସ୍ତବିକ୍, ତୁମେ ହିଁ କରିଛ
ମୋ ସ୍ୱର୍ଣ୍ଣିମ ପ୍ରେମକୁ
ସ୍ୱତନ୍ତ୍ର ଓ ପବିତ୍ର ।

**-ରୋଜାଲିନ୍ ମିଶ୍ର**
ପ୍ରାଣୀଧନ ନିରୀକ୍ଷକ
ଆଗଲପୁର (ରାଜ୍), ବଲାଙ୍ଗୀର

## ମନି ପ୍ଲାଣ୍ଟ

**-ପ୍ରଦୀପ୍ତ କୁମାର ବିଶ୍ୱାଳ**

ବୁଢାବାବୁ ରିଟାୟାର୍ଡ଼ ପ୍ରାୟମେରୀ ସ୍କୁଲ ମାଷ୍ଟର। କମ୍ ଦରମାରେ ବି ପେଟରୁ କାଟି ପୁଅକୁ ଭଲ ସ୍କୁଲ, କଲେଜରେ ପଢ଼େଇଥିଲେ । ସଞ୍ଚୟ ବୋଲି କ'ଣ ଜାଣିପାରୁ ନ ଥିଲେ। ମାସ ଶେଷକୁ କିଛି ବଳିଲେ ସିନା ସଞ୍ଚୟ ହେବ । ଏବେ ତୁଚ୍ଛା ପେନ୍‌ସନ୍ ଗଣ୍ଡାକରେ କଷ୍ଟେ ମଷ୍ଟେ ଚଳୁଛନ୍ତି । ପୁଅ-ବୋହୂ ବିଦେଶରେ । ଗତ ଜାନୁଆରୀରେ ଆସିଥିଲେ । ବୋହୂ, ଶାଶୁ-ଶଶୁରଙ୍କୁ ଶୁଣେଇ ଶୁଣେଇ ପୁଅକୁ କହୁଥିଲା - ଗାଁକୁ ଆସି ଚଳିବା ଭାରି କଷ୍ଟ। ଭଲ ଘର କଥା ଛାଡ, ଭଲ ବାଥରୁମ୍‌ଟିଏ ବି ନାହିଁ। ମୋତେ ଆଉ ଏଠିକି ଆସିବା ପାଇଁ ବାଧ କରିବନି। ବୁଢାବାବୁଙ୍କୁ ଭାରି କଷ୍ଟ ହେଇଥିଲା ସେଦିନ। ବୋହୂ କଥା ଶୁଣି ନୁହେଁ, ପୁଅର ନୀରବତା ପାଇଁ। ପୁଅକୁ ବୁଢାବାବୁ କି ବୁଢ଼ୀ ପଇସା ପତ୍ର ମାଗନ୍ତିନି। ପୁଅ କେବେ କିଛି ଦିଏନି, ଭାବେ ବାପା ବହୁତ ଟଙ୍କା ପେନ୍‌ସନ୍ ପାଉଥିବେ। ସେଇଥିରେ ଚଳନ୍ତୁ। ଆଗ ଜାନୁଆରୀକୁ ଆଉ ତିନି ମାସ ରହିଲା, ତା' ଆଗରୁ ଗୋଟେ ଭଲ ବାଥରୁମ୍ ତିଆରି କରିବା ପାଇଁ ଟଙ୍କା ଜମା କରୁଥିଲେ। ହେଲେ ରାଜମିସ୍ତ୍ରୀର ବରାଦ ଅନୁସାରେ ଆହୁରି ଅନେକ ଟଙ୍କା ଅଭାବ ପଡୁଥିଲା । ସଞ୍ଜବେଳେ ଗାଁ ଭାଗବତ ଟୁଙ୍ଗିରୁ ଫେରିଲା ବେଳେ, ଦିନା ସାହୁ ଆଉ ତା' ସ୍ତ୍ରୀ ଝଗଡା ଲାଗୁଥିବାର ଶୁଣିପାରିଲେ । ବୁଝୁ ବୁଝୁ ଜଣା ପଡିଲା ଛ' ମାସ ପୂର୍ବରୁ ଦିନା ସାହୁ ସ୍ତ୍ରୀ ମନିପ୍ଲାଣ୍ଟ ଗୋଟେ ଆଣି ବାଡ଼ିରେ ଲଗେଇଥିଲା, ଘରେ ଧନ ବୃଦ୍ଧି ଲୋଭରେ। ଖତ, ଗୋବର ଆଉ ପାଣି ପାଇ ଛନ ଛନିଆ ହେଇ ମନିପ୍ଲାଣ୍ଟ ଲତା ଚାରି ଆଡେ ମାଡି ଯାଇଥିଲା । କିନ୍ତୁ ହାଏ, ଯେଉଁ ଆଶାରେ ମନିପ୍ଲାଣ୍ଟକୁ ଲଗେଇ, ଏତେ ସେବା ଯତ୍ନ କରୁଥିଲେ ସେ ଆଶା ଧୂଳିସାତ ହେଲା । କରଜ ନେଇ ଚାଷ କରିଥିବା ଫସଲ ଉଜୁଡି ଗଲା । ସେଇ ରାଗରେ ଦିନା ସାହୁ ସ୍ତ୍ରୀ ସହ ଝଗଡା ଲାଗି ସେ ମନି ପ୍ଲାଣ୍ଟକୁ କାଟି ସଫା କରି ଦଉଥିଲା।

ବୁଢା ବାବୁ ଦୁଇ କେରା ମନିପ୍ଲାଣ୍ଟ ଲତା ଉଠେଇ ଆଣିଲେ। ଘରେ ପହଞ୍ଚୁ ପହଞ୍ଚୁ ବୁଢ଼ୀକୁ କହିଲେ - କାଲି ସକାଳେ ବାଡ଼ିରେ ଏ ମନିପ୍ଲାଣ୍ଟ ଲତା ଲଗେଇବା। ତୁ ଖୁବ୍ ମନ ଦେଇ ଖତ, ଗୋବର ଦବୁ। ୟା'ର ସେବା କରିବୁ। ଦିନା ସାହୁ ଘରେ ନ ହେଲା ନାହିଁ, କିଏ ଜାଣେ ଆମ ଘରେ ଟଙ୍କା ପଇସା ଆସି ଯାଇ ପାରେ। ଭଲ ବାଥରୁମ ଗୋଟେ ଜାନୁଆରୀ ପୂର୍ବରୁ ହେଇଗଲେ, ବୋହୂ କ'ଣ ଆସିବାକୁ ଅମଙ୍ଗ ହେବ ? ବୋହୂ ଆସିଲେ ପୁଅ ବି ଆସିବ। ଆମର ଆଉ କ'ଣ ଦରକାର, ସେମାନଙ୍କ ମୁହଁ ଦେଖିଲେ ହିଁ ଖୁସି। ଅପାତତଃ ଏ ପିଣ୍ଡରେ ପ୍ରାଣ ଥିବା ଯାଏ ସେମାନେ ଆସୁଥାନ୍ତୁ , ହଉ ପଛେ ବର୍ଷକୁ ଥରେ।

ବୁଢାବାବୁଙ୍କ କାନ୍ଦକାନ୍ଦ ମୁହଁକୁ ଦେଖି ବୁଢ଼ୀ କହିଲେ - ଥାଉ, ଆଉ ମନ ଉଣା କରନି । ତୁମେ କାନ୍ଦିଲେ ତେଣେ ପୁଅର ଅମଙ୍ଗଳ ହେଇପାରେ । ମନିପ୍ଲାଣ୍ଟ ଲଗେଇ ଦେଖିବା, ଠାକୁରଙ୍କର କ'ଣ ଇଚ୍ଛା। ନ ହେଲେ ମୋ ସୁନାହାରଟା ବିକି ସେଇ ପଇସାକୁ କାମରେ ଲଗେଇ ଦେବ । ସେଇ ବୋହୂ ପାଇଁ ହାରଟା ରଖିଥିଲି, ଯେମିତି ହଉ ତା'ରି କାମରେ ଆସୁ।



ବୁଢାବାବୁ ଆଉ ବୁଢ଼ୀର କଥା ଶୁଣିବା ଅବସ୍ଥା ରେ ନ ଥିଲେ।

**-ବାଲିଗଞ୍ଜ ପ୍ଲେସ, କୋଲକାତା-୧୯**

# ସାଲାଡ୍ ବିକି ଲକ୍ଷପତି

ଆଜିକାଲି ସମସ୍ତେ ନିଜ ନିଜ ଡାଏଟ୍‌ରେ ସାଲାଡ୍‌କୁ ସାମିଲ କରୁଛନ୍ତି। କାରଣ ବଢିଚାଲିଥିବା ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ପାଇଁ ଏହା ହେଉଛି ଏକ ଭଲ ମାଧ୍ୟମ। ତେବେ ଜାଣନ୍ତି କି ପୁଣେର ଜଣେ ମହିଳା ସାଲାଡ୍‌ର ବିଶେଷତ୍ୱ ବୁଝି ତାକୁ ନେଇ ବ୍ୟବସାୟ ଆରମ୍ଭ କରିଛନ୍ତି। ଆଉ ଲୋକଙ୍କୁ ବିଭିନ୍ନ ପ୍ରକାର ସାଲାଡର ସ୍ୱାଦ ଚଖେଇ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଛନ୍ତି। ଏହି ମହିଳା ଜଣକ ହେଉଛନ୍ତି ମେଘା ବାଫନା। ୨୦୧୭ରେ ସେ ଏହି ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରଥମେ ସେ ଘରେ ବିଭିନ୍ନ ପ୍ରକାରର ସାଲାଡ କରି ସୋସିଆଲ ମିଡିଆରେ ଶେୟାର କଲେ, ଯାହାକୁ ଦେଖି ତାଙ୍କ ପାଖକୁ ଅର୍ଡର ଆସିବାକୁ ଲାଗିଲା। ପ୍ରଥମ ଦିନରେ ତାଙ୍କ ସାଙ୍ଗମାନଙ୍କ ତରଫରୁ ୫ଟି ଅର୍ଡର ଆସିଥିଲା। ଧୀରେ ଧୀରେ ତାଙ୍କ ସାଲାଡ ଲୋକଙ୍କୁ ପସନ୍ଦ ହେବାକୁ ଲାଗିଲା। ଆଉ ଅର୍ଡର ବଢିବାକୁ ଲାଗିଲା। ସକାଳ ସାଢେ ଚାରିଟାରୁ ଉଠି ସେ ସାଲାଡ ପ୍ୟାକେଟ୍ କାମରେ ଲାଗିଯାଆନ୍ତି। ସାଲାଡ ପାଇଁ ଆବଶ୍ୟକୀୟ ପନିପରିବା ଓ ମସଲା ବି ନିଜେ କିଣିକରି ଆଣନ୍ତି। ମାତ୍ର ୩୦୦୦ ଟଙ୍କା ନିବେଶକରି ଆରମ୍ଭ କରିଥିବା ଏହି ବ୍ୟବସାୟରୁ ଏବେ ୨୨ଲକ୍ଷରୁ ଅଧିକ ଆୟ ହୋଇସାରିଲାଣି। ଏମିତି ନୁହେଁ କି ତାଙ୍କର କ୍ଷତି ହୋଇ ନାହିଁ, ଅନେକଥର ହୋଇଛି। ତଥାପି ସେ ଅଟକି ନ ଥିଲେ। ଏବେ ସେ ଜଣେ ସଫଳ ବିଜନେସ୍ ଓମେନଭାବେ ପରିଚିତ। ନିଜେ ସ୍ୱାବଲମ୍ବି ହେବା ସହ ସେ ଆହୁରି କେତେଜଣଙ୍କୁ ନିଜ ବ୍ୟବସାୟ ପାଇଁ ରଖିଛନ୍ତି। ଫଳରେ ସେ ଅନ୍ୟକୁ ବି ରୋଜଗାରକ୍ଷମ କରାଇପାରିଛନ୍ତି।









ବ୍ୟାକ୍ ପେଜ୍

## କାର୍ଟୁନ କର୍ନର

